# NATIONAL NEWS BULLETIN (ODIA)
## 16 June - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ପୁଣିଥରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଆସନ୍ତା ୩୦ ତାରିଖରେ ପ୍ରସାରିତ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ଲୋକଙ୍କଠାରୁ ଲୋଡ଼ିଲେ ମତାମତ ।

- ଆତଙ୍କବାଦୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।
- ସିକ୍କିମରେ ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ।
- ଦେଶରେ ବୃଦ୍ଧି ପାଉଥିବା ଆର୍ଥିକ ଠକେଇ ମାମଲାର ମୁକାବିଲା ଲକ୍ଷ୍ୟରେ ବହୁମୁଖୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କଲା ସି.ବି.ଆଇ.ସି.

ଏବଂ

- ବେଙ୍ଗାଲୁରୁ ଦିନିକିଆ ମହିଳା ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୬୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ।

## ପିଏମ୍-ମନ୍ କି ବାତ୍

ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖ ରବିବାର ଦିନ ପ୍ରଧାନମନ୍ତ୍ରୀଙ୍କର 'ମନ୍ କି ବାତ୍' କାର୍ଯ୍ୟକ୍ରମ ପ୍ରସାରିତ ହେବ । ଏହା ହେବ ମନ୍ କି ବାତ୍‌ର ୧୧୧ତମ କାର୍ଯ୍ୟକ୍ରମ । ପ୍ରଧାନମନ୍ତ୍ରୀ ଭାବେ ତୃତୀୟଥର ପାଇଁ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେବ ଶ୍ରୀ ମୋଦୀଙ୍କର ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ । ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦କୁ ଡାଏଲ କରି ସେମାନେ ସେମାନଙ୍କର ସନ୍ଦେଶ ହିନ୍ଦୀ କିମ୍ବା ଇଂରାଜୀରେ ରେକର୍ଡ କରିପାରିବେ । ଏଥିପାଇଁ ନରେନ୍ଦ୍ର ମୋଦୀ ଆପ୍ କିମ୍ବା My Gov Open Forumରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କଠାରୁ ଆସନ୍ତା ୨୮ ତାରିଖ ସୁଦ୍ଧା ମତାମତ ଆହ୍ୱାନ କରିଛନ୍ତି।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନ ମାଧ୍ୟମରେ ତଥା AIR ନ୍ୟୁଜ୍ ୱେବ୍‌ସାଇଟ୍ newsonair ମୋବାଇଲ୍ ଆପ୍‌ରେ ପ୍ରସାରିତ ହେବ । AIR ନ୍ୟୁଜ୍, DD News ଏବଂ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚ୍ୟାନେଲରେ

ମଧ୍ୟ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତର ପ୍ରସାରଣ କରାଯିବ ।

## ଶାହା- ଅମରନାଥ ଯାତ୍ରା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ଏବଂ ଅମରନାଥ ଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ଶାହା କେନ୍ଦ୍ରଶାସିତ ଅଞ୍ଚଳରେ ନିକଟରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସୁରକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଜମ୍ମୁ ଡିଭିଜନ ଅଞ୍ଚଳରେ ଶୂନ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ଲକ୍ଷ୍ୟକୁ ହାସଲ କରିବା ଲାଗି ପଦକ୍ଷେପ ନେବାକୁ ସୁରକ୍ଷା ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଶାହା କହିଛନ୍ତି। ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଏବଂ ପରବର୍ତ୍ତୀ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳର ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ, ଜମ୍ମୁ-କଶ୍ମୀରର ପୁଲିସ ଉପ ମହାନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ସେନା ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ବାର୍ଷିକ ଅମରନାଥ

ଯାତ୍ରା ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ହରଦୀପ ପୁରୀ- କଂଗ୍ରେସ

କର୍ଣ୍ଣାଟକରେ ତୈଳ ଦର ବୃଦ୍ଧିକୁ ନେଇ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ କଂଗ୍ରେସକୁ ସମାଲୋଚନା କରିଛନ୍ତି। ଗତକାଲି କର୍ଣ୍ଣାଟକ ସରକାର  ପେଟ୍ରୋଲ ଓ ଡିଜେଲ ଉପରେ ବିକ୍ରି ଟିକସ ବୃଦ୍ଧି କରିବା ପରେ ରାଜ୍ୟରେ ତୈଳ ଦର ଲିଟର ୩ ଟଙ୍କା ବୃଦ୍ଧି ପାଇଛି। ପ୍ରତି ପରିବାରର ଜଣେ ମହିଳାଙ୍କୁ ମାସିକ ୮ ହଜାର ୫୦୦ ଟଙ୍କା ହସ୍ତାନ୍ତର କରିବାକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ କଂଗ୍ରେସ ଶାସିତ କର୍ଣ୍ଣାଟକ ସରକାର ରାଜ୍ୟରେ ତୈଳଦର ବୃଦ୍ଧି କରି କର୍ଣ୍ଣାଟକବାସୀଙ୍କ ଉପରେ ବୋଝ ବଢ଼ାଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂହ ସାମାଜିକ ଗଣମାଧ୍ୟମ  ପୋଷ୍ଟରେ କହିଛନ୍ତି।

## ସିକ୍କିମ ଇଭାକୁଏସନ୍

ସିକ୍କିମର ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ  ମଙ୍ଗନ ଜିଲ୍ଲାରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପିଣ୍ଟ୍ସୋ ନାମଗ୍ୟାଲ ଲେପ୍‌ଚା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ମଙ୍ଗନ ଜିଲ୍ଲାର ଲୋୟର ଝୁଙ୍ଗିଙ୍ଗ ଓ

ରଲକ ଓ୍ୱାର୍ଡ ଅଧୀନସ୍ଥ ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରାୟ ୧୦ଟି ପରିବାରକୁ ଅସ୍ଥାୟୀ ଆବାସ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି।

ରାଜ୍ୟ ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶେରିଙ୍ଗ ଥେଣ୍ଡୁପ୍ ଭୂଟିଆଙ୍କ ତତ୍ତ୍ୱାବଧାନରେ ଆଜି  ମଙ୍ଗନ ଜିଲ୍ଲାର ଲାଚୁଙ୍ଗ ଓ ଚୁଙ୍ଗଥାଙ୍ଗରେ ଅଟକି ରହିଥିବା ୧୫ ଜଣ ବିଦେଶୀଙ୍କ ସମେତ ପ୍ରାୟ ୨୦୦୦ ପର୍ଯ୍ୟଟକଙ୍କୁ ଏୟାରଲିଫ୍‌ଟ ଏବଂ ରୋପ୍ ୱେ' ମାଧ୍ୟମରେ ଉଦ୍ଧାର କରାଯିବାକୁ ଚେଷ୍ଟା ଚାଲିଚି। ତେବେ ଖରାପ ପାଗ ଏବଂ ଭୂସ୍ଖଳନ ଯୋଗୁଁ ରାସ୍ତା ଅବରୋଧ ହେବା ଫଳରେ ସଡ଼କ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରୁନାହିଁ ବୋଲି ଶ୍ରୀ ଭୂଟିଆ କହିଛନ୍ତି।

ରାଜ୍ୟରେ ଲଗାଣ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗନ ଜିଲ୍ଲାରେ ପ୍ରାୟ ୨,୦୦୦ ପର୍ଯ୍ୟଟକ ଅଟକି ରହିଛନ୍ତି।

ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ରାଜ୍ୟ ସରକାର ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ଘୋଷଣା କରିଛନ୍ତି। ପ୍ରଭାବିତ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ରିଲିଫ୍ ସାମଗ୍ରୀ ମହଜୁଦ କରି ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଅଧିକାଂଶ ଅଞ୍ଚଳରେ

ବିଜୁଳି ଓ ଟେଲିଯୋଗାଯୋଗ, ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ମୌଳିକ ଆବଶ୍ୟକତାର ପୁନରୁଦ୍ଧାର କରାଯାଇଛି ।

## ସିବିଆଇ-ଫ୍ରଡ୍ କ୍ୟାମ୍ପେନ

ଫଦେଶରେ ବୃଦ୍ଧି ପାଉଥିବା ଆର୍ଥିକ ଠକେଇ ମାମଲାଗୁଡ଼ିକର ମୁକାବିଲା ଲକ୍ଷ୍ୟରେ କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସି.ବି.ଆଇ.ସି) ଏକ ବହୁମୁଖୀ ସଚେତନତା ଅଭିଯାନ ଆରମ୍ଭ କରିଛି । ଏଥିରେ ସମ୍ବାଦପତ୍ର, ମୋବାଇଲ୍ ମେସେଜ୍, ଇମେଲ୍ ଏବଂ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଆର୍ଥିକ ଠକେଇରୁ ସୁରକ୍ଷିତ ରହିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି । ସି.ବି.ଆଇ.ସି କହିଛି, ଭାରତୀୟ ସୀମା ଶୁଳ୍କ ଅଧିକାରୀ ପରିଚୟ ଦେଇ ଦେଶର ବିଭିନ୍ନ ଅଞ୍ଚଳରେ  ଜନସାଧାରଣଙ୍କୁ ଠକେଇ କରୁଥିବାର ଅଭିଯୋଗ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି । ଏହି ଠକେଇ ମୁଖ୍ୟତଃ ଫୋନ୍ କଲ୍ କିମ୍ବା ଏସ୍.ଏମ୍.ଏସ୍ ଭଳି ଡିଜିଟାଲ୍ ମାଧ୍ୟମରେ କରାଯାଉଛି । ତେବେ ଠକେଇର କାର୍ଯ୍ୟପ୍ରଣାଳୀକୁ ବୁଝିବା ସହ ସେଠାରୁ ସୁରକ୍ଷିତ ରହିବା ତଥା କଲ୍ କରୁଥିବା ବ୍ୟକ୍ତିଙ୍କ ସତ୍ୟାସତ୍ୟ ଯାଞ୍ଚ କରିବା ଭଳି କାର୍ଯ୍ୟ ବିଷୟରେ ସିବିଆଇସି ଜନସାଧାରଣଙ୍କୁ ସଚେତନ କରାଉଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ସିଧାସଳଖ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍'ରେ ଆସନ୍ତାକାଲି ରାତି ସାଢ଼େ ୯ଟାରେ 'ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଯୋଗ' ଶୀର୍ଷକ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଏଥିରେ ଯୋଗ ବିଶେଷଜ୍ଞ ଡାକ୍ତର ସୁରକ୍ଷିତ ଗୋସ୍ୱାମୀ ଏବଂ ମୋରାଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ଯୋଗ ଥେରାପିର ପ୍ରୋଗ୍ରାମ ଅଫିସର ଡକ୍ଟର ଈଶ୍ୱର ଏନ୍ ଆଚାର୍ଯ୍ୟ ଅଂଶଗ୍ରହଣ କରିବେ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ଯୋଗର ବିଭିନ୍ନ ଦିଗ ଯଥା ଏହାର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରି ପାରିବେ।

ଆସନ୍ତାକାଲି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ମାଧ୍ୟମରେ ଶ୍ରୋତା ସିଧାସଳଖ ପ୍ରଶ୍ନ କରିପାରିବେ।

ସେହିପରି ୯୨୮୯୦୯୪୦୪୪ ନମ୍ବରକୁ ମଧ୍ୟ ହ୍ୱାଟସଆପ୍ ମାଧ୍ୟମରେ ଆପଣଙ୍କ ପ୍ରଶ୍ନ ପଠାଇପାରିବେ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ ଚ୍ୟାନେଲ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସି ମାଧ୍ୟମରେ ସିଧାସଳଖ ପ୍ରସାରଣ କରାଯିବ।

ଏହାବ୍ୟତୀତ, ଆପଣ ଏହି ପ୍ରୋଗ୍ରାମକୁ ଆମ ଓ୍ୱେବସାଇଟରେ, **air.gov.in**ରେ ଏବଂ ଆକାଶବାଣୀର ୟୁଟ୍ୟୁବ୍ ଚ୍ୟାନେଲ୍ **newsonair** ଅଫିସିଆଲ ଆପ୍‌ରେ ମଧ୍ୟ ପାଇପାରିବେ ।

## ଏଚ୍‌ପି-ସମର ଫେଷ୍ଟିଭାଲ

ହିମାଚଳ ପ୍ରଦେଶର ରାଜଧାନୀ ଶିମଲାରେ ଅନ୍ତର୍ଜାତୀୟ ଗ୍ରୀଷ୍ମ ମହୋତ୍ସବ ଜୋରସୋରରେ ଚାଲିଛି । ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଳା ଗତକାଲି ୪ ଦିନିଆ ଅନ୍ତର୍ଜାତୀୟ ଶିମଲା ଗ୍ରୀଷ୍ମ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଏଭଳି କାର୍ଯ୍ୟକ୍ରମ ରାଜ୍ୟର ସମୃଦ୍ଧ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାରରେ ସହାୟକ ହୋଇଥାଏ ବୋଲି ରାଜ୍ୟପାଳ ଶ୍ରୀ ଶୁକ୍ଳା କହିଥିଲେ । ଶିମଲାକୁ ଆସିଥିବା ବହୁ ସଂଖ୍ୟକ ପର୍ଯ୍ୟଟକ ଏହି ମହୋତ୍ସବରେ ପ୍ରଦର୍ଶିତ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି । ଏହି ଉପଲକ୍ଷେ ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

## ଓ୍ୱମ୍ୟାନ କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନିଟିକିଆ ଦିନିକିଆ ମହିଳା କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଉଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ

ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ବିନିମୟରେ ଭାରତ ୨୬୫ ରନ୍ ସଂଗ୍ରହ କରିଛି। ହରମନ୍‌ପ୍ରୀତ୍ କୌର୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଓପନିଂ ବ୍ୟାଟ୍ସମ୍ୟାନ୍ ସ୍ମିତି ମାନ୍ଧାନା ୧୧୭ ରନ୍‌ର ପାଳି ଖେଳିଥିଲେ। ଏହି ଶତକ ସହ ମାନ୍ଧାନା ଆନ୍ତର୍ଜାତିକ କ୍ରିକେଟରେ ୭ ହଜାର ରନ୍‌ର ପୂରଣ କରିଛନ୍ତି।

୨୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୨୪ ଓଭରରେ ୫ ୱିକେଟ୍ ହରାଇ ୭୫ ରନ୍ ସଂଗ୍ରହ କରିଛି।

ଦକ୍ଷିଣ ଆଫ୍ରିକାର ଚଳିତ ଭାରତ ଗସ୍ତ ସିରିଜ୍‌ରେ ଗୋଟିଏ ଟେଷ୍ଟ ମ୍ୟାଚ୍, ୩ଟି ଦିନିକିଆ ଆନ୍ତର୍ଜାତିକ ଏବଂ ୩ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିବ।

## ୟୁରୋପ୍ କପ ଫୁଟବଲ୍

ୟୁରୋ କପ୍ ଫୁଟବଲ ପ୍ରତିଯୋଗିତାରେ ଆଜି ଗ୍ରୁପ୍ ସି'ର ଏକ ମ୍ୟାଚ୍‌ରେ ସ୍ଲୋଭେନିଆ' ଡେନମାର୍କକୁ ଭେଟିବ। ସେହିଭଳି ଇଂଲଣ୍ଡ ଏବଂ ସର୍ବିଆ ମଧ୍ୟରେ ଆଜି ମୁକାବିଲା ହେଉଛି। ଅନ୍ୟ ଏକ ମ୍ୟାଚ୍‌ରେ ଗ୍ରୁପ୍ 'ଡି'ର ପୋଲାଣ୍ଡ ଓ ନେଦରଲ୍ୟାଣ୍ଡ ମଧ୍ୟରେ ମୁକାବିଲା ହେବ।

ସ୍ପେନ୍ ଗତକାଲି ରାତିରେ ବର୍ଲିନରେ ଖେଳାଯାଇଥିବା ଗ୍ରୁପ୍ -ବି'ର ଏକ ମ୍ୟାଚ୍‌ରେ କ୍ରୋଏସିଆକୁ ୩-୦ ଗୋଲ୍‌ରେ ପରାସ୍ତ କରି ଅଭିଯାନ

ଆରମ୍ଭ କରିଛି। ଗ୍ରୁପ୍ -ବି'ର ଅନ୍ୟ ଏକ ମ୍ୟାଚ୍‌ରେ ପୂର୍ବତନ ଚାମ୍ପିୟନ ଇଟାଲୀ ୨-୧ ଗୋଲରେ ଆଲବେନିଆକୁ ପରାସ୍ତ କରିଛି।

ଗ୍ରୁପ୍-'ଏ'ର ଏକ ମ୍ୟାଚ୍‌ରେ ସ୍ୱିଜରଲ୍ୟାଣ୍ଡ' ହଙ୍ଗେରୀକୁ ୩-୧ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି।

## ଲେହ-କାର୍‌ଗିଲ ବିଜୟ ଆନିଭର୍ସରୀ

କାର୍‌ଗିଲ ବିଜୟ ଦିବସ ୨୫ତମ ବାର୍ଷିକୀ ଅବସରରେ ଲଦାଖଠାରେ ଆଜି ଏକ ମିନି ମାରାଥନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭାରତୀୟ ସେନା ପକ୍ଷରୁ ଆୟୋଜିତ 'ରନ୍ ଫର୍ ଫନ୍' ଶୀର୍ଷକ ଏହି ପ୍ରତିଯୋଗିତାରେ ୧୫ରୁ ୧୮ ବର୍ଷର ୩୧୬ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଖ୍ରୀ ସୁଲତାନ ଚୁ ସ୍ପୋର୍ଟ୍‌ସ ଷ୍ଟାଡିୟମଠାରୁ ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ମିନି ମାରାଥନ ୫ କିଲୋମିଟର ରାସ୍ତା ଅତିକ୍ରମ କରି ପୂର୍ବାହ୍ନ ୧୧ଟା ବେଳକୁ ସେହି ଷ୍ଟାଡିୟମଠାରେ ଶେଷ ହୋଇଥିଲା । ୧୨୧ ପଦାତିକ ବାହିନୀର କମାଣ୍ଡର ବ୍ରିଗେଡିୟର ପ୍ରଥିତ ପ୍ରସାର ଏବଂ କାର୍‌ଗିଲର ଡେପୁଟୀ କମିଶନର ଶ୍ରୀକାନ୍ତ ସୁଶେ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ।